# ଆଜି ଅନୁଗୋଳ ଜିଲ୍ଲାରୁ ୦୩ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୧୨୩୪୨ ରେ ପହଞ୍ଚିଲା- ସୁସ୍ଥ ହେଲେ ୨ ଜଣ ।

ଅନୁଗୋଳ, ତା.୨୩.୦୨:- ଆଜି ଅନୁଗୋଳ ଜିଲ୍ଲାରେ ୦୩ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ଆଜି (ସ୍ୱାବ ନମୁନା ଦେଇଥିବା ବ୍ୟକ୍ତି) କେହି ଆକ୍ରାନ୍ତ ଚିହ୍ନଟ ହୋଇ ନଥିବାରୁ ଆକ୍ରାନ୍ତଂକ ସଂଖ୍ୟା ୨୩୯ ରେ ରହିଛି । ଅନୁଗୋଳ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ତାଳଚେର ବ୍ଲକ ୨ଜଣ (୨ଜଣ ମହିଳା) ଓ ଛେଣ୍ଡିପଦା ବ୍ଲକ ୧ ଜଣ (୧ ମହିଳା) ଅଛନ୍ତି । ଆଜି ବଣଁରପାଳ ବ୍ଲକ୍, ଅନୁଗୋଳ ବ୍ଲକ, ଅନୁଗୋଳ ପୌରାଞ୍ଚଳ, କଣିହାଁ ବ୍ଲକ୍ ,ତାଳଚେର ପୌରାଞ୍ଚଳ, ଆଠମଲ୍ଲିକ ବ୍ଲକ୍, କିଶୋରନଗର ବ୍ଲକ୍ ,ପାଲଲହଡା ବ୍ଲକ୍ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦ ପ୍ରଭୃତି ୯ଟି ଅଂଚଳରୁ କୌଣସି ପଜିଟିଭ ଚିହ୍ନଟ ହୋଇନାହାନ୍ତି । ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ସୁସ୍ଥ ହୋଇଥିବା ୦୨ ଜଣ ଯାକ ହୋମ Isolation ରେ ଥିବାର ଜଣାପଡିଛି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୧୫୧ ତା.୨୩.୦୨.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

୨୩/୨/୨୧

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ